# NATIONAL NEWS BULLETIN (ODIA)

## 20 March - 2026

## Morning Bulletin : 7.15 a.m.

******************************

## ମୁଖ୍ୟ ସମ୍ବାଦ

- ଦେଶ ବ୍ୟାପି ଘରୋଇ ଓ ବ୍ୟବସାୟିକ ଏଲ୍.ପି.ଜି. ଯୋଗାଣ ସୁନିଶ୍ଚିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନେଉଛନ୍ତି ସରକାର ।
- ପଶ୍ଚିମ ଏସିଆରେ ଶାନ୍ତି ଫେରାଇ ଆଣିବା ସହିତ ଶକ୍ତି କ୍ଷେତ୍ରର ସୁରକ୍ଷା ଦିଗରେ କାତାର ଓ ଜୋର୍ଡ଼ାନ୍‌ର ନେତୃବୃନ୍ଦଙ୍କ ସହିତ ନିଜର ପ୍ରତିବଦ୍ଧତା ଦୋହରାଇଲା ଭାରତ ।
- ଭାରତ ଏକ ସମାବେଶୀ ତଥା ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରଗତି କରୁଛି, କହିଲେ ରାଷ୍ଟ୍ରପତି ।
- ବିଶ୍ୱରେ ଏକ ସ୍ଥିର ଶକ୍ତି କ୍ଷେତ୍ର ବଜାୟ ରଖିବା ଦିଗରେ ମିଳିତ ପ୍ରୟାସ କରିବା ଲାଗି ସମ୍ମତି ପ୍ରଦାନ କଲେ ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡସ୍ ଓ ଜାପାନ୍ ।

ଏବଂ

- ଓର୍ଲିୟାନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗ କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କଲେ ଭାରତର ତିନି ଖେଳାଳି ।

## ଏମ୍‌ଇଏ-ବ୍ରିଫିଙ୍ଗ୍

ଉପସାଗରୀୟ ଅଞ୍ଚଳରେ ଶକ୍ତି ପରିବହନ କ୍ଷେତ୍ର ଉପରେ ହେଉଥିବା ସମ୍ପ୍ରତି ଆକ୍ରମଣ ନେଇ ଭାରତ ଉଦ୍‌ବେଗ ପ୍ରକାଶ କରିଛି । ଏହାଦ୍ୱାରା ସମଗ୍ର ବିଶ୍ୱ ପ୍ରଭାବିତ ହେଉଛି ବୋଲି ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୁଖପାତ୍ର ରଣଧୀନ ଜୟସ୍ୱାଲ କହିଛନ୍ତି । ଗତକାଲି ନୂଆଦିଲ୍ଲୀଠାରେ  ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଉପସାଗରୀୟ ଅଞ୍ଚଳରେ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ସେ ଏହା କହିଛନ୍ତି । ଏଭଳି ଆକ୍ରମଣ ଗ୍ରହଣୀୟ ଯୋଗ୍ୟ ନୁହେଁ ଏବଂ ଏହା ତୁରନ୍ତ ବନ୍ଦ ହେବା ଆବଶ୍ୟକ ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି । ସେ କହିଛନ୍ତି, ଏଲ୍.ପି.ଜି. ଉପଲବ୍ଧତା ଉପରେ ସରକାର ତୀକ୍ଷ୍ଣ ଦୃଷ୍ଟି ରଖିବା ସହ ଏ କ୍ଷେତ୍ରରେ ଘରୋଇ ଉପଭୋକ୍ତାଙ୍କୁ ପ୍ରାଧାନ୍ୟ ଦିଆଯାଉଛି । ତେବେ ଶକ୍ତି କ୍ଷେତ୍ରରେ ସହାୟତା ଲାଗି ପଡ଼ୋଶୀ ବାଂଲାଦେଶ, ଶ୍ରୀଲଙ୍କା ଏବଂ ମାଲଦୀପ ପକ୍ଷରୁ ଭାରତକୁ ଅନୁରୋଧ କରାଯାଇଛି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି ।

ଆଫ୍‌ଗାନିସ୍ତାନ ଉପରେ ପାକିସ୍ତାନର ଆକ୍ରମଣ ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ସାଧାରଣ ଭିତ୍ତିଭୂମିକୁ ଲକ୍ଷ୍ୟ କରି କରାଯାଇଥିବା ଏଭଳି ବର୍ବୋରଚିତ ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରୁଛି । ଏହାଦ୍ୱାରା ସାଧାରଣ ନାଗରୀକମାନେ ମୃତାହତ ହେବା ସହିତ ତାଙ୍କର ଜୀବନଶୈଳୀ ପ୍ରଭାବିତ ହୋଇଛି ।

ଇରାନ୍‌ରେ ଭାରତୀୟ ଶିକ୍ଷାର୍ଥୀଙ୍କ ସ୍ଥିତି ସମ୍ପର୍କିତ ଏକ ପ୍ରଶ୍ନର ଉତ୍ତର ଦେଇ ଶ୍ରୀ ଜୟସ୍ୱାଲ କହିଛନ୍ତି, ଇରାନ୍‌ରେ କାଶ୍ମୀରର ଛାତ୍ରୀମାନଙ୍କ ସମେତ ଅନେକ ସଂଖ୍ୟକ ଶିକ୍ଷାର୍ଥୀ ମେଡିକାଲ୍ ଶିକ୍ଷା ଗ୍ରହଣ କରୁଛନ୍ତି । ସେମାନଙ୍କୁ ସାହାଯ୍ୟ କରିବା ଲାଗି ଭାରତ ପକ୍ଷରୁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଉଛି । ତେବେ ଇରାନ୍‌ର ସୀମାବର୍ତ୍ତୀ ଅଞ୍ଚଳ ଅତିକ୍ରମ କରିବାକୁ ଚାହୁଁଥିବା ଭାରତୀୟ ନାଗରୀକମାନେ ସ୍ଥାନୀୟ ଦୂତାବାସ ସହିତ ନିରନ୍ତର ଯୋଗାଯୋଗରେ ରହିବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଏହାଦ୍ୱାରା ପ୍ରକ୍ରିୟା ଅଧିକ ସହଜ ହୋଇପାରିବ ଏବଂ ଆଗାମୀ କିଛି ଦିନ ମଧ୍ୟରେ ଏହି ଶିକ୍ଷାର୍ଥୀମାନେ ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିବେ ବୋଲି ଶ୍ରୀ ଜୟସ୍ୱାଲ ଆଶାବ୍ୟକ୍ତ କରିଛନ୍ତି ।

ଦେଶ ବ୍ୟାପି ଘରୋଇ ପି.ଏନ୍.ଜି. ଓ ସି.ଏନ୍.ଜି. ଯୋଗାଣକୁ ଶତ ପ୍ରତିଶତ ସୁନିଶ୍ଚିତ କରିବା ଦିଗରେ ସରକାର ବିହିତ ପଦକ୍ଷେପ ନେଇଛନ୍ତି ବୋଲି ପେଟ୍ରୋଲିୟମ୍ ଓ ପ୍ରାକୃତିକ ବାଷ୍ପ ମନ୍ତ୍ରଣାଳୟର ଯୁଗ୍ମ ସଚିବ

ସୁଜାତା ଶର୍ମା ଏହି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ସେ କହିଛନ୍ତି, ଗତ ଦୁଇ ସପ୍ତାହ ମଧ୍ୟରେ ପ୍ରାୟ ୧ ଲକ୍ଷ ୨୫ ହଜାର ଘରୋଇ ଏବଂ ବ୍ୟାବସାୟିକ ପି.ଏନ୍.ଜି. ସଂଯୋଗ ପ୍ରଦାନ କରାଯାଇଥିବା ବେଳେ ଗତ ୩ ଦିନ ମଧ୍ୟରେ ୫ ହଜାର ୬୦୦ରୁ ଊର୍ଦ୍ଧ୍ୱ ଉପଭୋକ୍ତା ପି.ଏନ୍.ଜି. ବ୍ୟବହାର କରିବାରେ ସଫଳ ହୋଇଛନ୍ତି ବୋଲି ସେ କହିଛନ୍ତି ।

ସେ କହିଛନ୍ତି, ଦେଶ ବ୍ୟାପି ଘରୋଇ ଓ ବ୍ୟାବସାୟିକ ଏଲ୍.ପି.ଜି. ଯୋଗାଣ ସୁନିଶ୍ଚିତ କରିବା ଦିଗରେ ସରକାର ଆବଶ୍ୟକ ପଦକ୍ଷେପ ନେଇଛନ୍ତି । ଇତିମଧ୍ୟରେ ୧୭ଟି ରାଜ୍ୟ ଏଲ୍.ପି.ଜି. ଯୋଗାଣ ସମ୍ପର୍କିତ ନିର୍ଦ୍ଦେଶନାମା ଜାରି କରିସାରିଛନ୍ତି । ଏଲ୍.ପି.ଜି., ପି.ଏନ୍.ଜି. ଯୋଗାଣ କ୍ଷେତ୍ରରେ ସରକାରଙ୍କ ପକ୍ଷରୁ ନିଆଯାଇଥିବା ପଦକ୍ଷେପ ଉପରେ ଆଲୋକପାତ କରି ସୁଜାତା ଶର୍ମା କହିଛନ୍ତି –

**V/O1-SUJATA-SHARMA---FINAL**

# ପିଏମ୍–କାତାର–ଜୋର୍ଡ଼ାନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି କାତାର ଅମିର୍ ଶେଖ୍ ଅମିମ୍ ବିନ୍ ହମାଦ୍ ଆଲ୍‌ଥାନିଙ୍କ ସହିତ ଫୋନ୍ ଯୋଗେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଛନ୍ତି । ଏହି ଅବସରରେ କାତାରବାସୀ ଓ ଅମିର୍ ଆଲ୍‌ଥାନିଙ୍କୁ ଇଦ୍ ଶୁଭେଚ୍ଛା ଜଣାଇଛନ୍ତି ବୋଲି

ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ସୂଚନା ଦେଇଛନ୍ତି । ସେ କହିଛନ୍ତି, କାତାରର ଶକ୍ତି ଭିତ୍ତିଭୂମି ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିବା ସହିତ ଏହି ସମୟରେ କାତାର ସହିତ ଦୃଢ଼ ଭାବେ ଛିଡ଼ା ହୋଇଛି ବୋଲି ଭାରତ ନିଜର ପ୍ରତିବଦ୍ଧତା ଦୋହରାଇଛି । ସେଠାରେ ଥିବା ଭାରତୀୟ ସମ୍ପ୍ରଦାୟଙ୍କ ପ୍ରତି କାତାର ପକ୍ଷରୁ ପ୍ରଦାନ କରାଯାଇଥିବା ସହାୟତା ଲାଗି ପ୍ରଧାନମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି । ଏତଦ୍‌ବ୍ୟତୀତ ହର୍ମୁଜ୍ ପ୍ରଣାଳୀରେ ସୁରକ୍ଷିତ ଏବଂ ମୁକ୍ତ ଜାହାଜ ଚଳାଚଳ ଦିଗରେ ଉଭୟ ଭାରତ ଓ କାତାର ପ୍ରାଧାନ୍ୟ ଦେଉଛନ୍ତି ବୋଲି ଶ୍ରୀ ମୋଦୀ କହିଛନ୍ତି ।

ଅନ୍ୟ ପକ୍ଷରେ ଶ୍ରୀ ମୋଦୀ ଗତକାଲି ଜୋର୍ଡ଼ାନ୍‌ର ରାଜା ଅବଦୁଲ୍ଲା ଦ୍ୱିତୀୟଙ୍କ ସହିତ ଟେଲିଫୋନ୍ ଯୋଗେ ଉପସାଗରୀୟ ଅଞ୍ଚଳର ସ୍ଥିତି ସମ୍ପର୍କରେ ଆଲୋଚନା କରିବା ସହିତ ତାଙ୍କୁ ଇଦ୍ ଅଭିନନ୍ଦନ ଜଣାଇଛନ୍ତି । ସମ୍ପୃକ୍ତ ଅଞ୍ଚଳର ସ୍ଥିତି ନେଇ ଉଭୟ ନେତା ଉଦ୍‌ବେଗ ପ୍ରକାଶ କରିବା ସହିତ କୂଟନୀତି ଏବଂ କଥାବାର୍ତ୍ତା ମାଧ୍ୟମରେ ସେଠାରେ ଶାନ୍ତି, ସୁରକ୍ଷା ଓ ସ୍ଥିରତା ଫେରାଇ ଆଣିବା ଉପରେ ଗୁରୁତ୍ୱାରୋପ କରିଛନ୍ତି ।

# ପ୍ରେଜ୍-ବୃନ୍ଦାବନ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କର ତିନି ଦିନିଆ ଉତ୍ତରପ୍ରଦେଶ ଗସ୍ତ ଅବସରରେ ଆଜି ବୃନ୍ଦାବନ ଠାରେ ରାମକ୍ରିଷ୍ଣ ମିଶନ୍ ସେବାଶ୍ରମର ନନ୍ଦକିଶୋର ସୋମାନୀ ଅଙ୍କଲୋଜି ବ୍ଲକ୍‌ର ଶୁଭାରମ୍ଭ କରିବେ । ଏତଦ୍ ବ୍ୟତୀତ ରାଷ୍ଟ୍ରପତି ଉଦିଆବାବା ଆଶ୍ରମ ଏବଂ ଦବାନଳକୁଣ୍ଡ ନିବ୍ କାରୋରି ବାବାଙ୍କର ସମାଧି ସ୍ଥଳ ପରିଦର୍ଶନ କରିବାର କାର୍ଯ୍ୟସୂଚୀ ରହିଛି ।

ଗତକାଲି ରାଷ୍ଟ୍ରପତି ବୃନ୍ଦାବନର ପ୍ରେମ ମନ୍ଦିର ଓ ଇସକନ୍ ପରିଦର୍ଶନ କରି ପୂଜାର୍ଚ୍ଚନା କରିଛନ୍ତି । ପରେ ସେ ଅଯୋଧ୍ୟା ସ୍ଥିତ ରାମ ଜନ୍ମଭୂମି ମନ୍ଦିର ଯାଇ ଦର୍ଶନ କରିବା ସହିତ ରାମଯନ୍ତ୍ର ସ୍ଥାପନା ସମାରୋହରେ ଯୋଗଦେଇଥିଲେ । ଏହି ଅବସରରେ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି କହିଛନ୍ତି, ଭାରତ ଏକ ସମାବେଶୀ ସମାଜ ତଥା ବିକଶିତ ରାଷ୍ଟ୍ରରେ ପରିଣତ ହେବା ଦିଗରେ ଅଗ୍ରଗତି କରୁଛି । ପ୍ରଭୁ ରାମଚନ୍ଦ୍ରଙ୍କର ଆଶୀର୍ବାଦରେ ୨୦୪୭ ସୁଦ୍ଧା ଭାରତ ଏହିସବୁ ଲକ୍ଷ୍ୟ ହାସଲ କରିବାରେ ସଫଳ ହେବ ବୋଲି ରାଷ୍ଟ୍ରପତି ଆଶାବ୍ୟକ୍ତ କରିଛନ୍ତି ।

**V/O-1--PRESIDENT-VIKSIT-BHARAT**

## ୟୁରୋପିଆନ୍ କଣ୍ଟ୍ରି-ହର୍ମୁଜ୍

ବିଶ୍ୱରେ ଏକ ସ୍ଥିର ଶକ୍ତି କ୍ଷେତ୍ର ବଜାୟ ରଖିବା ଉଦ୍ଦେଶ୍ୟରେ ହର୍ମୁଜ ପ୍ରଣାଳୀ ଦେଇ ସୁରକ୍ଷିତ ଜାହାଜ ଚଳାଚଳ ଦିଗରେ ମିଳିତ ପ୍ରୟାସ କରିବା ଲାଗି ବ୍ରିଟେନ୍, ଫ୍ରାନ୍ସ, ଜର୍ମାନୀ, ଇଟାଲୀ, ନେଦରଲ୍ୟାଣ୍ଡସ୍ ଓ ଜାପାନ୍ ସମ୍ମତି ପ୍ରଦାନ କରିଛନ୍ତି । ବ୍ରିଟେନ୍ ପ୍ରଧାନମନ୍ତ୍ରୀ କିର୍ ଷ୍ଟାର୍ମର୍ଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତ୍ତିରେ କୁହାଯାଇଛି, ଏହି ୬ଟି ଦେଶର ନେତୃବୃନ୍ଦ ଇରାନ୍‌ର ଆକ୍ରମଣକୁ ନିନ୍ଦା କରିବା ସହିତ ଏହାକୁ ତୁରନ୍ତ ବନ୍ଦ କରିବା ଉପରେ ଗୁରୁତ୍ୱାରୋପ କରିଛନ୍ତି । ଏହାଦ୍ୱାରା ବିଶ୍ୱସ୍ତରରେ ଶକ୍ତି ଯୋଗାଣ ଶୃଙ୍ଖଳ ଏବଂ ଆନ୍ତର୍ଜାତିକ ଜାହାଜ ଚଳାଚଳ ବାଧାପ୍ରାପ୍ତ ହେବା ସହିତ ଆନ୍ତର୍ଜାତିକ ଶାନ୍ତି ଓ ସୁରକ୍ଷା ପ୍ରତି ବିପଦ ଦେଖାଦେଇଛି ବୋଲି ଏହି ନେତୃବୃନ୍ଦ କହିଛନ୍ତି ।

## ମହା-ନକ୍ସଲ ସରେଣ୍ଡର

ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲ୍ଲାରେ ଗତକାଲି ୧୧ ଜଣ ବରିଷ୍ଠ ମାଓବାଦୀ ପୋଲିସ୍ ଓ ସି.ଆର୍.ପି.ଏଫ୍. ନିକଟରେ ଆତ୍ମସମର୍ପଣ କରିଛନ୍ତି । ସେମାନଙ୍କ ମଧ୍ୟରେ ଡିଭିଜନାଲ କମିଟି ଓ ଏରିଆ କମିଟିର ସଦସ୍ୟ, ସମ୍ପାଦକ ଅନ୍ତର୍ଭୁକ୍ତ । ଆତ୍ମସମର୍ପଣ କରିଥିବା ଏହି ମାଓବାଦୀଙ୍କ ଲାଗି ସରକାରଙ୍କ ପକ୍ଷରୁ ମୋଟ୍ ୬୮ ଲକ୍ଷ ଟଙ୍କାର ପୁରସ୍କାର ରାଶି

ଘୋଷଣା କରାଯାଇଥିଲା । ସେମାନଙ୍କୁ ସରକାରଙ୍କର ନୀତି ଅନୁଯାୟୀ ଆବଶ୍ୟକ ସହାୟତା ରାଶି ପ୍ରଦାନ କରାଯାଇଛି ।

## ଗୋୟଲ୍

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ ଗତକାଲି ବ୍ରିଟେନ୍ ସାଂସଦ ତଥା ସଂସଦୀୟ ବ୍ୟବସାୟିକ ଓ ବାଣିଜ୍ୟ କମିଟିର ଅଧ୍ୟକ୍ଷ ଲିଆମ୍ ବିର୍ଣ୍ଣେଙ୍କ ଅଧ୍ୟକ୍ଷତାରେ ଭାରତ ଆସିଥିବା ପ୍ରତିନିଧି ମଣ୍ଡଳୀଙ୍କୁ ଭେଟିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଏ ସମ୍ପର୍କରେ ସୂଚନା ଦେଇ ଶ୍ରୀ ଗୋୟଲ କହିଛନ୍ତି, ଭାରତ-ବ୍ରିଟେନ୍ ସମ୍ପର୍କର ଅଗ୍ରଗତି ବିଶେଷ କରି ଅର୍ଥନୈତିକ ଅଭିବୃଦ୍ଧି, ନିରନ୍ତର ବିକାଶ ଏବଂ ନବସୃଜନତା ଉପରେ ଏହି ଆଲୋଚନା ସମୟରେ ପ୍ରାଧାନ୍ୟ ଦିଆଯାଇଥିଲା । ଏହି ଭାଗିଦାରୀ ମାଧ୍ୟମରେ ଦୁଇ ଦେଶ ଲାଗି ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଶ୍ରୀ ଗୋୟଲ ଆଶାବ୍ୟକ୍ତ କରିଛନ୍ତି ।

ଗତକାଲି ଶ୍ରୀ ଗୋୟଲ୍ ସାଲଭାଟୋର୍ ଆନାଷ୍ଟାସିଙ୍କ ନେତୃତ୍ୱରେ ଭାରତ ଆସିଥିବା ଆମେରିକୀୟ ବୌଦ୍ଧିକ ସମ୍ପତ୍ତି ଆଇନ୍ ସଂଘର ପ୍ରତିନିଧି ମଣ୍ଡଳୀଙ୍କ ସହିତ ମଧ୍ୟ ଆଲୋଚନା କରିଛନ୍ତି । ଭାରତୀୟ ବୌଦ୍ଧିକ ସମ୍ପତ୍ତି ନିୟମର ଅଗ୍ରଗତି, ନବସୃଜନତାର ପ୍ରୋତ୍ସାହନ ଏବଂ ବ୍ୟବସାୟିକ ପ୍ରକ୍ରିୟାକୁ ସରଳ କରିବା ସହିତ ଦେଶର ବୈଶ୍ୱିକ ପ୍ରତିଦ୍ୱନ୍ଦ୍ୱିତା କ୍ଷେତ୍ରକୁ

ଅଧିକ ସଶକ୍ତ କରିବା ଉପରେ ମୁଖ୍ୟତଃ ଆଲୋଚନା କରାଯାଇଛି ବୋଲି ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି ।

## ବ୍ୟାଡ୍‌ମିଣ୍ଟନ

ଫ୍ରାନ୍ସରେ ଚାଲିଥିବା ଓର୍ଲିୟାନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟର ମହିଳା ସିଙ୍ଗଲ୍ସ ବର୍ଗ କ୍ୱାର୍ଟର ଫାଇନାଲ୍‌ରେ ଭାରତର ତନ୍‌ଭୀ ଶର୍ମା, ଇଶାରାଣୀ ବରଓ୍ୱା ଏବଂ ମାଳବିକା ବାଂଶୁଦ୍ ପ୍ରବେଶ କରିଛନ୍ତି । ତନ୍‌ଭୀ ଶର୍ମା' ଅନ୍‌ମୋଲ ଖାର୍‌ଙ୍କୁ ୨୧-୧୪, ୨୧-୧୭ ସେଟ୍‌ରେ ପରାସ୍ତ କରିଥିବା ବେଳେ ଇଶାରାଣୀ କାନାଡ଼ାର ଓ୍ୱେନ୍ ୟୁ ଝାଙ୍ଗ୍‌ଙ୍କୁ ୨୧-୧୧, ୧୪-୨୧, ୨୧-୧୭ରେ ହରାଇଛନ୍ତି । ସେହିଭଳି ମାଳବିକା ବାଂଶୁଦ ମାଲେସିଆର ଓ୍ୱଙ୍ଗ୍ ଲିଙ୍ଗ୍ ଚିଙ୍ଗ୍‌ଙ୍କୁ ୨୪-୨୨, ୨୧-୧୩ରେ ପରାସ୍ତ କରିଛନ୍ତି ।

ଏହାଛଡ଼ା ଭାରତର ପୁରୁଷ ଯୋଡ଼ି ଅର୍ଜୁନ ମାଦାଥିଲ୍ ରାମଚନ୍ଦ୍ରନ୍ ଓ ହରିହରନ୍ ଅମ୍‌ଶକରୁଣାନ୍ ସ୍କଟ୍‌ଲାଣ୍ଡର ଆଲୋକ୍‌ଜାଣ୍ଡା ଡୁନ୍ ଓ ଆଦାମ୍ ପ୍ରିଙ୍ଗ୍‌ଲେଙ୍କ ଯୋଡ଼ିକୁ ୨୬-୨୪ ଓ ୨୧-୧୪ ସେଟ୍‌ରେ ପରାସ୍ତ କରି କ୍ୱାର୍ଟର ଫାଇନାଲ୍‌ରେ ପ୍ରବେଶ କରିଛନ୍ତି ।